## ଅନୁଗୋଳ ଜିଲ୍ଲାରେ ପର୍ଯ୍ୟଟନସ୍ଥଳୀର ଚିହ୍ନଟ ଓ ଉନ୍ନତିକରଣ ନିମନ୍ତେ ଜିଲ୍ଲା ଉନ୍ନୟନ ପରିଷଦର ବୈଠକ-

### ଅନୁଗୋଳରେ ହେବ ଏକ ଆନ୍ତର୍ଜାତିକ ପାଠାଗାର ଓ କଳାହୀରା ସଂଗ୍ରହାଳୟ ।

ଅନୁଗୋଳ, ତା,୨୨.୧୦:-ଅନୁଗୋଳ ଜିଲ୍ଲାରେ ପର୍ଯ୍ୟଟନର ଅନେକ ସମ୍ଭାବ୍ୟ ଭରିରହିଛି । ଏହି ପର୍ଯ୍ୟଟନସ୍ଥଳୀ ଗୁଡିକୁ ଚିହ୍ନଟ କରି ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିବା ନିମନ୍ତେ ଆଜି ପୂର୍ବାହ୍ନରେ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷଠାରେ ଏକ ଜିଲ୍ଲା ଉନ୍ନୟନ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧ୍ୟକ୍ଷତା କରି ଜିଲ୍ଲା ପାଇଁ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ ପୁସ୍ତିକା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନୁଗୋଳ ଜିଲ୍ଲାରେ ଅନେକ ସମ୍ଭାବ୍ୟ ପର୍ଯ୍ୟଟନ କ୍ଷେତ୍ର ରହିଛ । ଆସନ୍ତା ୧ ସପ୍ତାହ ମଧ୍ୟରେ ପ୍ରତି ବ୍ଲକରେ ଥିବା ଏହି ସମ୍ଭାବ୍ୟ ପର୍ଯ୍ୟଟନ ସ୍ଥାନ ଗୁଡିକର ଭିଡିଓ ଚିତ୍ର ପ୍ରସ୍ତୁତ କରାଯାଇ ଏକ ସଂସ୍ଥାକୁ ମାସେ ମଧ୍ୟରେ ତାର ଏକ ବିସ୍ତୃତ ପର୍ଯ୍ୟଟନ ପୁସ୍ତିକା (broachure) ପ୍ରସ୍ତୁତ କରାଯିବ । ଅନୁଗୋଳର ପ୍ରାଚୀନ ବାଜିରାଉତ ଛାତ୍ରାବାସ ଓ ତାଳଚେର ରାଜପ୍ରାସାଦକୁ ଐତିହ୍ୟସ୍ଥଳିର ମାନ୍ୟତା ନିମନ୍ତେ ପଦକ୍ଷେପ ନିଆଯିବ । ଅନୁଗୋଳର ପ୍ରବେଶ ପଥରେ ବିଭାଗୀୟ ଲୋଗୋ ଥିବା ଏକ ଅତ୍ୟାଧୁନିକ ଗେଟ୍ ଲଗାଯିବ । ଅନୁଗୋଳର ଇକୋ ପାର୍କର ସୌନ୍ଦର୍ଯ୍ୟକରଣ କରାଯିବା ସହ ଅନୁଗୋଳରେ ଏକ ଆନ୍ତର୍ଜାତୀୟ ସ୍ତରର ପାଠାଗାର ଓ ତାଳଚେର କଳାହୀରା ସଂଗ୍ରହାଳୟ ପ୍ରତିଷ୍ଠା ହେବ । ତାଳଚେର ରାଣୀ ପାର୍କର ସୌନ୍ଦର୍ଯ୍ୟକରଣ ପାଇଁ ଆବଶ୍ୟକ ପାଣ୍ଠି ଏମ୍.ସି.ଏଲ୍ ମଞ୍ଜୁର କରିଛି । ପ୍ରଥମେ ଏହା ପାର୍ଶ୍ୱରୁ ଜବରଦଖଲ ହଟାଇବା ନିମନ୍ତେ ପ୍ରାଚୀର କାର୍ଯ୍ୟ ଖୁବ୍ର ଶୀଘ୍ର ଆରମ୍ଭ ହେବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଏହି ବୈଠକରେ ଢେଙ୍କାନାଳ ସାଂସଦ ଶ୍ରୀ ମହେଶ ସାହୁ, ଛେଣ୍ଡିପଦା ବିଧାୟକ ଶ୍ରୀ ସୁଶାନ୍ତ କୁମାର ବେହେରା, ତାଳଚେର ବିଧାୟକ ଶ୍ରୀ ବ୍ରଜ କିଶୋର ପ୍ରଧାନ, ସମ୍ବଲପୁର ସାସଂଦଙ୍କ ପ୍ରତିନିଧି ଶ୍ରୀ ପରେଶ ଦେଓ, ଅନୁଗୋଳ ବିଧାୟକ ତଥା ବିଧାନସଭାର ଉପ-ବାଚସ୍ପତିଙ୍କ ପ୍ରତିନିଧି ଶ୍ରୀ ମହେନ୍ଦ୍ର କୁମାର ବସ୍ତିଆ,ପାଲଲହଡା ବିଧାୟକଙ୍କ ପ୍ରତିନିଧି ଶ୍ରୀ ଗଙ୍ଗାଧର ଜିତ୍,ଆଠମଲ୍ଲିକ ବିଧାୟକଙ୍କ

ପ୍ରତିନିଧି ଶ୍ରୀ କ୍ଷିରୋଦ କୁମାର ବଘାର ଯୋଗ ଦେଇ ନିଜ ଅଞ୍ଚଳରେ ଥିବା ପର୍ଯ୍ୟଟନସ୍ଥଳୀ ଗୁଡିକର ଚିହ୍ନଟ ଓ ସୌନ୍ଦର୍ଯ୍ୟକରଣ ସମ୍ପର୍କରେ ଆଲୋକପାତ କରିଥିଲେ । ଗଞ୍ଜାମ ଭଳି ଅନୁଗୋଳ ଜିଲ୍ଲାର ଲୋକକଳା ଓ ଲୋକନୃତ୍ୟ ଦଳକୁ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ କାର୍ଯ୍ୟକ୍ରମ ପରିବେଷଣ କରାଇମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଭଳି ବିଭିନ୍ନ ଯୋଜନାରେ ସ୍ୱାବଲମ୍ବୀ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାକୁ ଆସୁଥବା ପର୍ଯ୍ୟଟକ କେଉଁଠି ରହିବେ ଓ ଉପଭୋଗ କରୁଥିବା ପର୍ଯ୍ୟଟନର ଦୃଶ୍ୟ, ପର୍ଯ୍ୟଟନ ସ୍ଥଳୀକୁ ଯିବାକୁ ରାସ୍ତା ଓ ଆନୁସଂଗୀକ ସମସ୍ତ ତଥ୍ୟ ଏହି ପର୍ଯ୍ୟଟନ ପୁସ୍ତିକାରେ ରହିବ । ବୈଠକରେ ଜିଲ୍ଲାର ପ୍ରସିଦ୍ଧ ଦେବାଦେବୀ ପୀଠ ଓ ସାତକୋଶିଆ ସଂରକ୍ଷିତ ଜଙ୍ଗଲର ପ୍ରାକୃତିକ ଦୃଶ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା । ପର୍ଯ୍ୟଟନସ୍ଥଳୀକୁ ଯାଇଥିବା ରାସ୍ତାର ଉନ୍ନତିକରଣ ସହ ପର୍ଯ୍ୟଟକ ରହିବା ଓ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରି କିଛି ଦେଖିଲାଭଳି ଦୃଶ୍ୟର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ । ଅନୁଗୋଳ ଜିଲ୍ଲାରେ ୧୩ଟି ସ୍ଥାନ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବାବେଳେ ୫ଟି ନୂତନ ପ୍ରସ୍ତାବ ଅନୁମୋଦନ ଅପେକ୍ଷାରେ ଅଛି । ବୈଠକରେ ପର୍ଯ୍ୟଟନସ୍ଥଳୀଗୁଡିକରେ ପର୍ଯ୍ୟଟକ ମାନଙ୍କର ନିରାପତ୍ତା ଓ ସଫାସୁତୁରା ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଡି.ଏଫ୍.ଓ (ସାତକୋଶିଆ) ରାମାସ୍ୱାମୀ.ପି ,ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ବିଭିନ୍ନ ବ୍ଲକରୁ ଆସିଥିବା ସହକାରୀ ଯନ୍ତ୍ରୀ, ହୋଟେଲ ଓ ରେଷ୍ଟୁରାଣ୍ଟ ସଂଘର କର୍ମକର୍ତ୍ତା ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ପର୍ଯଟନ ଅଧିକାରୀ ଶ୍ରୀ ଜଗଦୀଶ ରାଏ ବୈଠକରେ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ ।



